# ପ୍ରଥମ ଅତିରିକ୍ତ ବ୍ୟୟ ତାଲିକା 2018-19- ମୁଖ୍ୟାଂଶ

## ତା. 05.09.2018 ରିଖ

ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା ଆଜି ବିଧାନସଭାରେ 2018-19 ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି । ଏଥିପାଇଁ 12,790 କୋଟି ଟଙ୍କା ମୋଟ ବ୍ୟୟବରାଦ ବିଧାନ ସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଛି ।

### ଅତିରିକ୍ତ ବଜେଟ୍ ପାଇଁ ବ୍ୟୟ ବରାଦ

(କୋଟି ଟଙ୍କା ହିସାବରେ)

| କ୍ଷେତ୍ର | ମୋଟ |
|---|---:|
| ପ୍ରଶାସନିକ ବ୍ୟୟ | 1,800 |
| କାର୍ଯ୍ୟକ୍ରମ ବ୍ୟୟ | 9,611 |
| ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | 1,364 |
| ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର | 15 |
| **ମୋଟ** | **12,790** |

## 2. ଅତିରିକ୍ତ ବଜେଟ୍ ପାଇଁ ଆବଶ୍ୟକତା

ଏକ ଜନମଙ୍ଗଳ ରାଷ୍ଟ୍ରରେ ସମ୍ବଳର ଉପଲବ୍ଧତା ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଆଖି ଆଗରେ ରଖି ଉପଲବ୍ଧ ସମ୍ବଳର ପୁନଃବିନିଯୋଗ କରି ଓ ବିଭିନ୍ନ ସୂତ୍ରରୁ ସହବନ୍ଧିତ ସମ୍ବଳର ପ୍ରାପ୍ତିକୁ ପ୍ରତ୍ୟାଶା କରି ଅତିରିକ୍ତ ବଜେଟ୍ ପାଇଁ ବ୍ୟୟବରାଦ କରାଯାଇଛି । ଏହା ନିଶ୍ଚିତଭାବେ ଜନସାଧାରଣଙ୍କର ମଙ୍ଗଳ ଓ ଉନ୍ନୟନରେ ସହାୟକ ହେବ । ନିମ୍ନଲିଖିତ ପରିପ୍ରେକ୍ଷୀରେ ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଅଛି ।

(i) ବଜେଟ୍ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କର ନୂତନ ଯୋଜନା ଓ କାର୍ଯ୍ୟକ୍ରମପାଇଁ ନିଆଯାଇଥିବା ନିଷ୍ପତ୍ତି ।

(ii) ପ୍ରଚଳିତ ରହିଥିବା କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା ଓ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା ପ୍ରଣୟନ ପାଇଁ ଅତିରିକ୍ତ ବ୍ୟୟବରାଦ ।

(iii) ଓଡିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଅର୍ଥର ଭରଣା ।

(iv) ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବାସହିତ ବକେୟା ବେତନର 40 ପ୍ରତିଶତ ପ୍ରଦାନ ନିମିତ୍ତ ଅତିରିକ୍ତ ବେତନର ଆବଶ୍ୟକତା ।

(v) ନ୍ୟାୟିକ ଅଧିକାରୀମାନଙ୍କୁ ପହିଲା ଜାନୁୟାରୀ 2016 ମସିହାଠାରୁ ବେତନର 30 ପ୍ରତିଶତ ମଧ୍ୟବର୍ତ୍ତୀକାଳୀନ ରାଶି ପ୍ରଦାନ ନିମିତ୍ତ ଅତିରିକ୍ତ ବ୍ୟୟବରାଦ ।

(vi) ବିଭିନ୍ନ ଦାବୀରେ ହିସାବ ବ୍ୟବସ୍ଥାପନା ନିମନ୍ତେ (Accounting adjustment under different Demands)

## 3. ଅତିରିକ୍ତ ବଜେଟ୍ ପାଇଁ ଅର୍ଥ ବ୍ୟବସ୍ଥା

ଅତିରିକ୍ତ ବଜେଟ୍‌ରେ ବ୍ୟୟ ବରାଦ ହୋଇଥିବା 12,790 କୋଟି ଟଙ୍କା ମଧ୍ୟରୁ ସହବନ୍ଧିତ (Tied-up) ସମ୍ବଳ ସୂତ୍ରରୁ 5166 କୋଟି ଟଙ୍କା, ଅଣବନ୍ଧିତ (Untied) ସମ୍ବଳରୁ 1000 କୋଟି ଟଙ୍କା, ବିଭିନ୍ନ ବିଭାଗ ଦ୍ୱାରା ସମର୍ପିତ ହୋଇଥିବା ବ୍ୟବ ବରାଦ ଓ ଅନୁଦାନରୁ ସମର୍ପଣ ଦ୍ୱାରା 1082 କୋଟି ଏବଂ ବର୍ଷ ଶେଷକୁ ସଞ୍ଚୟ ଓ ସମର୍ପଣ ଜରିଆରେ (Savings and Surrender) 5542 କୋଟି ଟଙ୍କା ଭରଣା କରାଯିବାର ଆକଳନ କରାଯାଇଛି ।

## 4. ପ୍ରଶାସନିକ ବ୍ୟୟପାଇଁ ଅର୍ଥ ବ୍ୟବସ୍ଥା

ପ୍ରଶାସନିକ ବ୍ୟୟ କ୍ଷେତ୍ରରେ ନିଟ୍ ବ୍ୟୟବରାଦ 1800 କୋଟି ଟଙ୍କା । ଶିକ୍ଷା ସହାୟକ ମାନଙ୍କୁ ନିୟମିତ ଦରମା ପ୍ରଦାନ ପାଇଁ 750 କୋଟି ଟଙ୍କା, ସୁଧ ରାଶି ପୈଠ ପାଇଁ 350 କୋଟି ଟଙ୍କା, ଲୋକସଭା ଏବଂ ରାଜ୍ୟ ବିଧାନସଭା ନିମିତ୍ତ ଏକକ ନିର୍ବାଚନ ପରିଚାଳନା ପାଇଁ 41 କୋଟି ଟଙ୍କା, ସଡକ ରକ୍ଷଣାବେକ୍ଷଣ ପାଇଁ 100 କୋଟି ଟଙ୍କା, OLIC କୁ ଅନୁଦାନ ଓ ଆର୍ଥିକ ପ୍ରୋତ୍ସାହନ ପାଇଁ 31 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି । ନ୍ୟାୟିକ ଅଧିକାରୀ ମାନଙ୍କୁ ପହିଲା ଜାନୁୟାରୀ, 2016 ମସିହା ଠାରୁ ବେତନର 30 ପ୍ରତିଶତ ମଧ୍ୟବର୍ତ୍ତୀକାଳୀନ ରାଶି ପ୍ରଦାନ ନିମିତ୍ତ ଆବଶ୍ୟକ ଅତିରିକ୍ତ ବ୍ୟୟ ବରାଦ କରାଯାଇଛି ।

## 5. ବିପର୍ଯ୍ୟୟ ପ୍ରଶମନ ପାଣ୍ଠି

ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (SDRF) ରେ 2017-18 ଆର୍ଥିକ ବର୍ଷ ଶେଷରେ ଥିବା ବଳକା ଅର୍ଥ ବାବଦକୁ 2018-19 ଅତିରିକ୍ତ ବଜେଟ୍‌ରେ 1364 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

**6. ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର**

2018-19 ଅତିରିକ୍ତ ବଜେଟ୍‌ରେ ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କ ପାଇଁ 15 କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି ।

**7. କାର୍ଯ୍ୟକ୍ରମ ବ୍ୟୟ ଓ ଅଗ୍ରାଧିକାର କ୍ଷେତ୍ର ପାଇଁ**

**(i) ଭିତ୍ତିଭୂମି ଓ ଗ୍ରାମ୍ୟ ଉନ୍ନୟନ**

କାର୍ଯ୍ୟକ୍ରମ ବ୍ୟୟ କ୍ଷେତ୍ରରେ ମୋଟ ବ୍ୟୟ ବରାଦ 9611 କୋଟି ଟଙ୍କା ମଧ୍ୟରୁ ଭିତ୍ତିଭୂମି ଓ ଗ୍ରାମ୍ୟ ଉନ୍ନୟନ ପାଇଁ 6097 କୋଟି ଟଙ୍କା ଉଦ୍ଦିଷ୍ଟ । ବସୁଧା(BASUDHA) ଯୋଜନା ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ 400 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) – ବିଜୁ ପକ୍କା ଘର ପାଇଁ 1500 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପାଇଁ 2065 କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ 1000 କୋଟିଟଙ୍କା ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ 211 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ଶକ୍ତି  କ୍ଷେତ୍ର (Power Sector) ଅଧୀନରେ ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (OPGC) ର ୟୁନିଟ୍ 3 ଓ 4 ରେ ଅଂଶଧନ ଜମା ପାଇଁ 30 କୋଟି ଟଙ୍କା, ରାଜ୍ୟ ରାଜଧାନୀ ଅଞ୍ଚଳ ଶକ୍ତି ପ୍ରଣାଳୀର ଉନ୍ନତିକରଣ (SCRIPS) ପାଇଁ 25 କୋଟି ଟଙ୍କା, ବିଜୁ ଗ୍ରାମ ଜ୍ୟୋତି ଯୋଜନା ପାଇଁ  75 କୋଟି ଟଙ୍କା ଏବଂ 'ଆମ ଘରେ LED' ଯୋଜନା ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ଏହା ବ୍ୟତୀତ କେନାଲ ବନ୍ଧ ରାସ୍ତାର ନବୀକରଣ ପାଇଁ 200 କୋଟିଟଙ୍କା, Tank ଏବଂ MIPs ର ଉନ୍ନତିକରଣ 20 କୋଟି ଟଙ୍କା ଏବଂ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ନିମିତ୍ତ 12 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

**(ii) ସହରାଞ୍ଚଳ ଉନ୍ନୟନ ପାଇଁ ଅର୍ଥ ବ୍ୟବସ୍ଥା**

ରାଜ୍ୟର  ସହରାଞ୍ଚଳ ଗୁଡିକର ଉନ୍ନୟନ ପାଇଁ ପ୍ରସ୍ତାବିତ 589 କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟରୁ JAGA Mission  ପାଇଁ 100 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ 300 କୋଟି ଟଙ୍କା, " ଓଡିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ" ମାଧ୍ୟମରେ ସହରାଞ୍ଚଳ ପରିମଳ ପାଇଁ 61 କୋଟି ଟଙ୍କା, ସହରାଞ୍ଚଳ ପରିବହନ ପାଇଁ 25 କୋଟି ଟଙ୍କା, ଅମୃତ (AMRUT) ଯୋଜନା ପାଇଁ 80 କୋଟି ଟଙ୍କା ଏବଂ ଓଡିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (OUIDF) ପାଇଁ 22 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

### (iii) ସାମାଜିକ କ୍ଷେତ୍ର ପାଇଁ ଅର୍ଥ ବ୍ୟବସ୍ଥା

କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ସାମାଜିକ କ୍ଷେତ୍ରରେ ବ୍ୟବସ୍ଥିତ 1350 କୋଟିଟଙ୍କା ବ୍ୟୟ ବରାଦ ମଧ୍ୟରୁ ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟ ସହାୟତା ବାବଦକୁ 242 କୋଟି ଟଙ୍କା, ମଧ୍ୟାହ୍ନ ଭୋଜନ ପାଇଁ ରାଜ୍ୟ ସହାୟତା ବାବଦକୁ 23 କୋଟି ଟଙ୍କା, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ 100 କୋଟି ଟଙ୍କା, ମୋ ସ୍କୁଲ ଅଭିଯାନ ପାଇଁ 35 କୋଟି ଟଙ୍କା, SC & ST ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ ନିମିତ୍ତ 263 କୋଟି ଟଙ୍କା ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସଂଖ୍ୟା ଲଘୁ ମାନଙ୍କର ଆବାସ ନିର୍ମାଣ ପାଇଁ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପ୍ରଣୟନ ପାଇଁ 62 କୋଟି ଟଙ୍କା, ସ୍ୱାସ୍ଥ୍ୟ ସହାୟ ପାଇଁ 82 କୋଟି ଟଙ୍କା, ସମ୍ପୂର୍ଣ୍ଣା (SAMPURNA) ଯୋଜନା ପାଇଁ 25 କୋଟି ଟଙ୍କା, ନିଦାନ ପାଇଁ 12 କୋଟି ଟଙ୍କା, ମୂଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା ପାଇଁ 50 କୋଟି ଟଙ୍କା, ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା (ICDS) ନିମିତ୍ତ ରାଜ୍ୟ ସହାୟତା ବାବଦକୁ 80 କୋଟି ଟଙ୍କା ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା ପାଇଁ 25 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

8. ପ୍ରଶାସନିକ ବ୍ୟୟ, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି, ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର, କାର୍ଯ୍ୟକ୍ରମ ବ୍ୟୟ ଏବଂ ବାର୍ଷିକ ବଜେଟ୍ ଓ ଅତିରିକ୍ତ ବଜେଟ୍‌ରେ ବିଭାଗୱାରୀ ଅର୍ଥ ବ୍ୟବସ୍ଥା ନିମ୍ନରେ ପ୍ରଦାନ କରାଗଲା: -

### 8.1 ପ୍ରଶାସନିକ ବ୍ୟୟ, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି, ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତରର ମୁଖ୍ୟାଂଶ: - ପ୍ରମୁଖ ଅର୍ଥ ବ୍ୟବସ୍ଥା

- ଶିକ୍ଷା ସହାୟକମାନଙ୍କୁ ନିୟମିତ ଦରମା ପ୍ରଦାନପାଇଁ 750 କୋଟି ଟଙ୍କାର ବ୍ୟୟ ବରାଦ ।
- ଲୋକସଭା ଓ ରାଜ୍ୟ ବିଧାନସଭା ନିମିତ୍ତ ଏକକ ନିର୍ବାଚନ ପରିଚାଳନା ପାଇଁ 41 କୋଟି ଟଙ୍କାର ବ୍ୟୟବରାଦ ।
- ସଡକ ରକ୍ଷଣାବେକ୍ଷଣ ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (SDRF) ପାଇଁ 1364 କୋଟି ଟଙ୍କାର ବ୍ୟୟବରାଦ ।
- ଦରମା ପ୍ରଦାନପାଇଁ ଓଡିଶା ଉଠା ଜଳସେଚନ ନିଗମ (OLIC) କୁ ଅନୁଦାନ ବାବଦରେ 12 କୋଟି ଟଙ୍କା ।
- OLIC ର କାର୍ଯ୍ୟ ସଂପୂର୍ଣ୍ଣୀକରଣ ପାଇଁ ପ୍ରୋତ୍ସାହନ ଅର୍ଥ ବାବଦକୁ 19 କୋଟି ।

- ମାଧ୍ୟମିକ ବିଦ୍ୟାଳୟମାନଙ୍କର ଅତିଥି ଶିକ୍ଷକ (Guest Teachers) ନିୟୋଜନ ପାଇଁ 5 କୋଟି ଟଙ୍କାର ବ୍ୟୟବରାଦ ।
- ପାଇପ ଜଳଯୋଗାଣ ପାଇଁ ବ୍ୟବହୃତ  ବିଦ୍ୟୁତ ଦେୟ ବାବଦକୁ 22  କୋଟି ଟଙ୍କା।

**୫.2 କାର୍ଯ୍ୟକ୍ରମ ବ୍ୟୟ: - ପ୍ରମୁଖ ଅର୍ଥ ବ୍ୟବସ୍ଥା**

- OPGC ର ୟୁନିଟ୍ 3 ଓ 4 ରେ ଅଂଶଧନ ଜମାପାଇଁ 30  କୋଟି ଟଙ୍କା ।
- ବିଜୁ ଗ୍ରାମ ଯୋଜନା ପାଇଁ 75 କୋଟି ଟଙ୍କା ।
- 'ଆମ ଘରେ LED' ଯୋଜନା ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ ।
- ରାଜ୍ୟ ରାଜଧାନୀରେ ଶକ୍ତି ବ୍ୟବସ୍ଥାର ଉନ୍ନତିକରଣ (SCRIPS) ପାଇଁ 25  କୋଟି ଟଙ୍କା ।
- ଗ୍ରାମ୍ୟ ଉନ୍ନୟନ କ୍ଷେତ୍ର ପାଇଁ  ବ୍ୟୟ ବରାଦ ହୋଇଥିବା 5276 କୋଟି ଟଙ୍କା ମଧ୍ୟରୁ ବସୁଧା (BASUDHA) ଯୋଜନା ମାଧ୍ୟମରେ ପାଇପଦ୍ୱାରା ଜଳ ଯୋଗାଣ ପାଇଁ 400 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) – ବିଜୁ ପକ୍କା ଘର ପାଇଁ 1500 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ସଡକ ଯୋଜନା ପାଇଁ 2065 କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ 1000 କୋଟି ଟଙ୍କା, ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ 211 କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା ପାଇଁ 50 କୋଟି ଟଙ୍କା ଏବଂ ଗ୍ରାମାଞ୍ଚଳରେ ସଡକ ଓ ପୋଲର ଉନ୍ନତିକରଣ ପାଇଁ 50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।
- ଜଳସେଚନ ଭିତ୍ତିଭୂମି ଉନ୍ନୟନ ପାଇଁ ବ୍ୟୟବରାଦ ହୋଇଥିବା 239 କୋଟି ଟଙ୍କା ମଧ୍ୟରୁ କେନାଲ ବନ୍ଧ ରାସ୍ତାର ନବୀକରଣ ପାଇଁ 200 କୋଟି ଟଙ୍କା, Tanks ଏବଂ MIPs ର ଉନ୍ନତିକରଣ ପାଇଁ 20 କୋଟି ଟଙ୍କା ଏବଂ ଛାତ ଉପରେ ବର୍ଷାଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ଯୋଜନା ନିମିତ୍ତ 12 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।
- ରାଜ୍ୟର ସହରାଞ୍ଚଳ ଗୁଡିକର ଉନ୍ନୟନ ପାଇଁ ପ୍ରସ୍ତାବିତ 5୫9 କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟରୁ JAGA Mission ପାଇଁ 100 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ 300 କୋଟିଟଙ୍କା, ଓଡିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ସହରାଞ୍ଚଳ ପରିମଳ ପାଇଁ 61 କୋଟି ଟଙ୍କା, ସହରାଞ୍ଚଳ ପରିବହନ ପାଇଁ 25 କୋଟି ଟଙ୍କା, ଅମୃତ (AMRUT) ଯୋଜନା ପାଇଁ ୫0 କୋଟି ଟଙ୍କା ଏବଂ ଓ଼ଡିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (OUIDF) ପାଇଁ 22 କୋଟିଟଙ୍କାର ବ୍ୟୟ ବରାଦ କରାଯାଇଅଛି ।
- ସର୍ବ ଶିକ୍ଷା ଅଭିଯାନ (SSA) ପାଇଁ ରାଜ୍ୟ ସହାୟତା ବାବଦରେ 242 କୋଟି ଟଙ୍କା ।
- ମଧ୍ୟାହ୍ନ ଭୋଜନ (Mid-Day-Meal) ପାଇଁ ରାଜ୍ୟ  ସହାୟତା ବାବଦରେ 23 କୋଟି ଟଙ୍କା ।
- ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ 100 କୋଟି ଟଙ୍କା ।

- ମୋ ସ୍କୁଲ ଅଭିଯାନ ପାଇଁ 35 କୋଟି ଟଙ୍କା ।
- ST & SC ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ ନିମିତ୍ତ 263 କୋଟି ଟଙ୍କା ।
- ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସଂଖ୍ୟାଲଘୁମାନଙ୍କ ନିମିତ୍ତ ଆବାସ ନିର୍ମାଣପାଇଁ 20 କୋଟି ଟଙ୍କା।
- ସ୍ୱାସ୍ଥ୍ୟ ସେବାପାଇଁ ବ୍ୟୟବରାଦ ହୋଇଥିବା 301 କୋଟି ଟଙ୍କା ମଧ୍ୟରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପ୍ରଣୟନ ପାଇଁ 62 କୋଟି ଟଙ୍କା, ସ୍ୱାସ୍ଥ୍ୟ ସହାୟ ପାଇଁ 82 କୋଟି ଟଙ୍କା, ସଂପୂର୍ଣ୍ଣା (SAMPURNA) ଯୋଜନା ପାଇଁ 25 କୋଟି ଟଙ୍କା, ନିଦାନ ପାଇଁ 12 କୋଟି ଟଙ୍କାର ବ୍ୟୟବରାଦ ।
- ମୁଖ୍ୟମନ୍ତ୍ରୀ ମହିଳା ଶସକ୍ତିକରଣ ଯୋଜନାପାଇଁ 50 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଏହା ମଧ୍ୟରୁ WSHG ମାନଙ୍କୁ କମ୍ ମୂଲ୍ୟରେ ଋଣ ଯୋଗାଇ ଦେବା ନିମନ୍ତେ ରିହାତି ସୁଧ ବାବଦକୁ 49 କୋଟି ଟଙ୍କାର ବ୍ୟୟବରାଦ ।
- ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା (ICDS) ପାଇଁ ରାଜ୍ୟ ସହାୟତା ବାବଦରେ 80 କୋଟି ଟଙ୍କାର ବ୍ୟୟବରାଦ ।
- ମଧୁବାବୁ ପେନସନ ଯୋଜନା ପାଇଁ 25 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ପୋଲିସ, ଅଗ୍ନିଶମ ସେବା ଓ କାରାଗାର ଗୃହ ନିର୍ମାଣ ପାଇଁ 50 କୋଟି ଟଙ୍କା ।
- ରାଜ୍ୟ ରାଜଧାନୀ ପ୍ରକଳ୍ପ ପାଇଁ 68 କୋଟି ଟଙ୍କା ।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କୋଠାବାଡି ନିର୍ମାଣ ପାଇଁ 11 କୋଟି ଟଙ୍କା ।
- କିଲୋପ୍ରତି 1 ଟଙ୍କା ଚାଉଳ ପ୍ରଦାନ ଯୋଜନାରେ ଆହୁରି ଅଧିକ ହିତାଧୀକାରୀ ମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ 81 କୋଟି ଟଙ୍କା ।
- LWE ପ୍ରଭାବିତ ଅଞ୍ଚଳରେ ସଡକ ପୁନଃନିର୍ମାଣ ଯୋଜନା ପାଇଁ 135 କୋଟି ଟଙ୍କା ।
- ରାଜ୍ୟ ରାଜପଥ ଉନ୍ନୟନ ପ୍ରକଳ୍ପ ପାଇଁ 40 କୋଟି ଟଙ୍କା ।
- ସଡକ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ 50 କୋଟି ଟଙ୍କା ।
- ବିଜୁ ଏକ୍ସପ୍ରେସ ମାର୍ଗ ପାଇଁ 30 କୋଟି ଟଙ୍କା ।
- ଶ୍ରୀ ଜଗନ୍ନାଥ ମନ୍ଦିର ଚତୁପାର୍ଶ୍ୱର ଉନ୍ନତିକରଣ ପାଇଁ ଉଦ୍ଦିଷ୍ଟ ଅଭଡା ଯୋଜନାରେ 20 କୋଟି ଟଙ୍କା ।
- ସମନ୍ୱିତ ଯୁବ ବର୍ଗ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ 53 କୋଟି ଟଙ୍କା ।
- ଓଡିଶା ବିଶ୍ୱକପ୍ ହକି, 2018 ଆୟୋଜନ ପାଇଁ 23 କୋଟି ଟଙ୍କା ।
- ଅନ୍ୟାନ୍ୟ କ୍ରୀଡା ଭିତ୍ତିଭୂମି ବିକାଶ ପାଇଁ 16 କୋଟି ଟଙ୍କା ।
- ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ପାଇଁ 100 କୋଟି ଟଙ୍କା ।

- ନଭେମ୍ବର, 2018ରେ ଆୟୋଜିତ ହେବାକୁ ଥିବା Make in Odisha Conclave ପାଇଁ 12 କୋଟି ଟଙ୍କା ।
- ପଶ୍ଚିମାଞ୍ଚଳ ଓଡିଶା ଉନ୍ନୟନ ପରିଷଦକୁ ଅନୁଦାନ ପ୍ରଦାନ ନିମିତ୍ତ 20 କୋଟି ଟଙ୍କା ।
- ବସ୍ ଟର୍ମିନାଲ ଏବଂ ଏହାର ଆନୁସଙ୍ଗିର ଭିତ୍ତି ଭୂମିର ଉନ୍ନତିକରଣ ପାଇଁ 20 କୋଟି ଟଙ୍କା ।
- ସବୁଜ ମହାନଦୀ ମିଶନ ପାଇଁ 30 କୋଟି ଟଙ୍କା ।
- ଆଦିବାସୀ ଅଞ୍ଚଳରେ ମିଲେଟ୍‌ର ପ୍ରୋତ୍ସାହନ ନିମିତ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ 100 କୋଟି ଟଙ୍କା
- ପୋଷଣୀୟ କୃଷିପାଇଁ ଜାତୀୟ ମିଶନ ବାବଦକୁ 45 କୋଟି ଟଙ୍କା ।
- ଜାତୀୟ ଉଦ୍ୟାନ ମିଶନପାଇଁ 45 କୋଟି ଟଙ୍କା ।
- କୃଷି ଏବଂ ବୈଷୟିକ ଜ୍ଞାନର ସଂପ୍ରସାରଣ ପାଇଁ ଜାତୀୟ ମିଶନ ବାବଦକୁ 32 କୋଟି ଟଙ୍କା ।
- ହସ୍ତତନ୍ତ ଶିଳ୍ପର ପ୍ରୋତ୍ସାହନ ପାଇଁ 10 କୋଟି ଟଙ୍କା ।
- ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରିମିୟମ ବାବଦକୁ 200 କୋଟି ଟଙ୍କା ।
- ଶସ୍ୟ ଋଣ ନିମିତ୍ତ ରିହାତି ସୁଧ (Interest Subvention) ବାବଦକୁ 136 କୋଟି ଟଙ୍କା ।
- ବରଗଡ ଚିନିକଳର ପୁନଃରୁଦ୍ଧାର ପାଇଁ 6 କୋଟି ଟଙ୍କା ।
- ବେସରକାରୀ ମହାବିଦ୍ୟାଳୟଗୁଡିକୁ ଅନୁଦାନ ପ୍ରଦାନ ପାଇଁ 27 କୋଟି ଟଙ୍କା ।
- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରପାଇଁ 34 କୋଟି ଟଙ୍କାର ବ୍ୟୟ ବରାଦ ।
- ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର ଓ ନବୀକରଣ ପାଇଁ 9 କୋଟି ଟଙ୍କା ।

# 8.3: 2018-19 (ବଜେଟ୍ ଅଟକଳ) ଓ ଅତିରିକ୍ତ ବଜେଟ୍ ରେ ବିଭାଗୱାରୀ ନିଟ୍ ବ୍ୟୟ ବରାଦ

| ଦାବୀ ନଂ | ବିଭାଗ | 2018-19 (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ | ମୋଟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| 1. | ସ୍ୱରାଷ୍ଟ୍ର ବିଭାଗ | 5274.39 | 273.07 | 5547.46 |
| 2. | ସାଧାରଣ ପ୍ରସାଶନ ଓ ସାଧାରଣ ଅଭିଯୋଗ | 403.74 | 117.45 | 521.19 |
| 3. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 1073.82 | 11.89 | 1085.71 |
| 4. | ଆଇନ ବିଭାଗ | 345.10 | 48.67 | 393.77 |
| 5. | ଅର୍ଥ ବିଭାଗ | 24530.17 | 350.00 | 24880.17 |
| 6. | ବାଣିଜ୍ୟ ବିଭାଗ | 85.70 | 9.52 | 95.22 |
| 7. | ନିର୍ମାଣ ବିଭାଗ | 4264.88 | 284.35 | 4549.23 |
| 8. | ଓଡିଶା ବିଧାନ ସଭା | 63.54 | 0.0002 | 63.5402 |
| 9. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 1148.56 | 89.40 | 1237.96 |
| 10. | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 14487.10 | 1210.12 | 15697.22 |
| 11. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | 3413.55 | 435.46 | 3849.01 |
| 12. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 6159.96 | 400.60 | 6560.56 |
| 13. | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 5161.80 | 613.95 | 5775.75 |
| 14. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 133.86 | 4.37 | 138.23 |
| 15. | କ୍ରୀଡା ଓ ଯୁବସେବା ବିଭାଗ | 341.01 | 81.48 | 422.49 |
| 16. | ଯୋଜନା ଓ ସଂଯୋଜନା ବିଭାଗ | 935.43 | 222.37 | 1157.80 |
| 17. | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | 13725.35 | 3141.74 | 16867.09 |
| 18. | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | 2.10 | 0.14 | 2.24 |
| 19. | ଶିଳ୍ପ ବିଭାଗ | 312.45 | 13.61 | 326.06 |
| 20. | ଜଳ ସମ୍ପଦ ବିଭାଗ | 10196.05 | 327.69 | 10523.74 |
| 21. | ପରିବହନ ବିଭାଗ | 590.73 | 30.83 | 621.56 |
| 22. | ଜଙ୍ଗଲ ଓ ପରିବେଶ ବିଭାଗ | 806.17 | 70.02 | 876.19 |
| 23. | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 4511.16 | 236.38 | 4747.54 |
| 24. | ଇସ୍ପାତ ଓ ଖଣି ବିଭାଗ | 113.54 | 0.09 | 113.63 |
| 25. | ସୂଚନା ଓ ଲୋକ ସଂପର୍କ ବିଭାଗ | 187.80 | 111.93 | 299.73 |
| 26. | ଅବକାରୀ ବିଭାଗ | 100.87 | 0.54 | 101.41 |
| 27. | ବିଭାଗ ଓ ବୈଷୟିକ ବିଭାଗ | 55.13 | 9.01 | 64.14 |
| 28. | ଗ୍ରାମ୍ୟ ଉନ୍ନୟନ ବିଭାଗ | 5582.46 | 2269.55 | 7852.01 |
| 29. | ସଂସଦୀୟ ବ୍ୟାପାର ବିଭାଗ | 47.60 | 4.02 | 51.62 |

| ଦାବୀ ନଂ | ବିଭାଗ | 2018-19 (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ | ମୋଟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| 30. | ଶକ୍ତି ବିଭାଗ | 1983.29 | 298.86 | 2282.15 |
| 31. | ହସ୍ତତନ୍ତ, ବୟନଶିଳ୍ପ ଓ ବିଭାଗ | 189.93 | 11.66 | 201.59 |
| 32. | ପର୍ଯ୍ୟଟନ ବିଭାଗ | 213.16 | 13.50 | 226.66 |
| 33. | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | 893.43 | 27.30 | 920.73 |
| 34. | ସମବାୟ ବିଭାଗ | 1163.97 | 342.31 | 1506.28 |
| 35. | ସରକାରୀ ଉଦ୍ୟୋଗ ବିଭାଗ | 7.83 | 5.25 | 13.08 |
| 36. | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | 3446.82 | 139.45 | 3586.27 |
| 37. | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | 112.87 | 0.60 | 113.47 |
| 38. | ଉଚ୍ଚ ଶିକ୍ଷା ବିଭାଗ | 2291.67 | 80.33 | 2372.00 |
| 39. | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | 625.45 | 35.35 | 660.80 |
| 40. | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 221.58 | 1.93 | 213.51 |
| 41. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 2562.49 | 37.59 | 2600.08 |
| 42. | ବିପର୍ଯ୍ୟୟ ପରିଚାଳନା | 2089.57 | 1414.76 | 3504.33 |
| 43. | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 181.91 | 12.87 | 194.78 |
| | ମୋଟ | **1,20,028.00** | **12,790.00** | **1,32,818.00** |